## କୃଷି ସୂଚନା ସେବା (ଧାନ)
## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୫ ମସିହା ମାର୍ଚ୍ଚ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଅଧିକ ଅମଳକ୍ଷମ ଧାନ ଗଛ ରୋଇବାର ୬୦ ଦିନ ପରେ ଶେଷ ପର୍ଯ୍ୟାୟ ଯବକ୍ଷାରଜାନ ସାର ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ(ୟୁରିଆ ସାର ପ୍ରତି ହେକ୍ଟର ପିଛା ୫୨ କି.ଗ୍ରା.) ପ୍ରୟୋଗ କରନ୍ତୁ । ସେହିପରି ଶଙ୍କର କିସମ ଧାନରେ ରୋଇବାର ୬୦ ଦିନ ପରେ ଶେଷ ପର୍ଯ୍ୟାୟ ଯବକ୍ଷାରଜାନ ଏବଂ ପଟାସ ସାର ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ(ହେକ୍ଟର ପିଛା ୬୫ କି.ଗ୍ରା. ୟୁରିଆ ଏବଂ ୨୫ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ) ପ୍ରୟୋଗ କରନ୍ତୁ ।
- ଯେଉଁଠାରେ ବାଦାମୀଗୁଣ୍ଡି ପୋକ, ଧଳପତ୍ରଡିଆଁ ପୋକ ଏବଂ ପତ୍ରମୋଡା ପୋକର ପ୍ରାର୍ଦୁର୍ଭାବ ଅଧିକ ଥାଏ ସେହିଠାରେ ଏହିସବୁ ପୋକର ସର୍ବେକ୍ଷଣ ଆରମ୍ଭ କରନ୍ତୁ । ସେମାନଙ୍କର ଆର୍ଥିକ ଦେହଲୀ ସୀମା ରେଖା ହେଲା

| | | |
|---|---|---|
| ପତ୍ରମୋଡା ପୋକ | - | ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର |
| ବାଦାମୀଗୁଣ୍ଡି ପୋକ | - | ପ୍ରତି ବୁଦାରେ ୫-୧୦ ପୋକ |
| ଧଳା ପତ୍ରଡିଆଁ ପୋକ | - | ପ୍ରତି ବୁଦାରେ ୫-୧୦ ପୋକ |

ପୋକସଂଖ୍ୟା ଉପରୋକ୍ତ ଆର୍ଥିକ ଦେହଲୀ ସୀମାରୁ ଅଧିକ ହେଲେ ନିମ୍ନଲିଖିତ ପୋକମରା ଔଷଧ ହେକ୍ଟର ପିଛା ୫୦୦ ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ ।

ପତ୍ରମୋଡା ପୋକ-

ଟ୍ରାୟାଜୋଫସ୍ ୪୦ E.C @ ୬୨୫ ମି.ଲି./ହେକ୍ଟର

ଥାୟାମେଥୋକ୍ସାମ୍ ୨୫ W.G ୧୦୦ ଗ୍ରା./ହେକ୍ଟର କିମ୍ବା

ନିମ୍ବତେଲ @ ୫ ମି.ଲି./ଲିଟର ପାଣିରେ ଶତକଡ଼ା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରିବା ଦରକାର

ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକ-

ଇମିଡାକ୍ଲୋପ୍ରିଡ୍ ୧୭.୮ S.L @ ୧୨୫ ମି.ଲି./ହେକ୍ଟର

ଥାୟାମେଥୋକ୍ସାମ୍ ୨୫ W.G @ ୧୦୦ ଗ୍ରା./ହେକ୍ଟର

ଇଥୋଫେନୋପ୍ରୋକ୍ସ ୧୦ E.C @ ୫୦୦ ମି.ଲି./ହେକ୍ଟର

ନିମ୍ବତେଲ @ ୫ ମି.ଲି./ଲିଟର ପାଣି ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରିବା ଉଚିତ୍ ।

ବି.ଦ୍ର.: ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ଠେଙ୍ଗା ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ପ୍ରାର୍ଦୁର୍ଭାବ ବା ଆର୍ଥିକ ଦେହଲୀ ସୀମା ଜଣାପଡିଥାଏ ।

*****